# ବାଜି ରାଉତ ଛାତ୍ରାବାସ ର 77ତମ ବାର୍ଷିକ ଉତ୍ସବ ପାଳିତ

.....................................

ଅନୁଗୋଳ, ତା 30.04.2023,ଆଜି ପୂର୍ବାହ୍ନରେ ଅନୁଗୋଳ ସ୍ଥିତ ମାଳତୀ ଦେବି ଓ ନବକୃଷ୍ଣ ଚୌଧୁରୀ ଆଶ୍ରମରେ ଥିବା ବାଜି ରାଉତ ଛାତ୍ରବାସର 77ତମ ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ପାଳିତ ହୋଇଯାଇଛି.ସକାଳେ ଯୋଗ, ପ୍ରାର୍ଥନା, ଓ ସାମୁହିକ ସଫେଇ, କାର୍ଯ୍ୟ ପରେ ଆଶ୍ରମରେ ଥିବା ସମସ୍ତ ବରପୁତ୍ର ମାନଙ୍କୁ ପୁଷ୍ପ ଅର୍ଘ୍ୟ ପ୍ରଦାନ କରାଯାଥିଲା.ମୁଖ୍ୟ ଅତିଥି ବିଶିଷ୍ଟ ସ୍ତମ୍ଭକାର ତଥା ଗାନ୍ଧୀ କଥାକାର ଶ୍ରୀଯୁକ୍ତ ପ୍ରହ୍ଲାଦ ସିଂ ୨ଘଟିକା ସମୟରେ ଏଠାରେ ଆୟୋଜିତ ଏକ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ.୨.30 ମିନିଟ ସମୟରେ ଆଶ୍ରମର ଶାନ୍ତି ମନ୍ଦିର ଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା. ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ବାଜି ରାଉତଙ୍କୁ ଓଡିଶା ଶିଶୁ ସ୍ୱାଭିମାନ ଓ ସାହସର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ. ସେହିପରି ମାଳତୀ ଦେବୀ ଓ ନବକୃଷ୍ଣ ଚୌଧୁରୀଙ୍କ ଜୀବନର ବହୁ ଅନାଲୋଚିତ ବିଷୟରେ ଆଲୋକପାତ କରିଥିଲେ.ସମ୍ମାନୀତ ଅତିଥି ଡ଼ଃ ବିନୟ ନାଥ ଏହି ଆଶ୍ରମର ଦୀର୍ଘ 76ବର୍ଷର ଦୁଃଖ କଷ୍ଟମୟ ଯାତ୍ରା ଉପରେ ନିଜର ଅଭିବ୍ୟକ୍ତି ରଖି ସରକାର ଏଠାରେ ରହୁଥିବା ଅନ୍ତେବାସୀ ମାନଙ୍କ ଉନ୍ନତି କଳ୍ପେ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ.ମୁଖ୍ୟବକ୍ତା ସଂଗ୍ରାମୀ ଫୋରମର ସମ୍ପାଦକ ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ କହିଥିଲେ ଯେ ବାଜି ରାଉତ ହେଉଛନ୍ତି ସମୁଦ୍ର କୂଳରେ ଥିବା ବତୀ ଘର ସଦୃଶ, ଓଡ଼ିଆ ସ୍ୱାଧୀନତା ସଂଗ୍ରାମର ଜାଜ୍ୱଲ୍ୟମାନ ତାରକା. ମୋର ସୌଭାଗ୍ୟ ଯେ ମୁଁ ପିଲାଦିନେ ସ୍ୱର୍ଗତ ମାଳତୀ ଦେବୀ ଏବଂ ନବକୃଷ୍ଣଙ୍କ(ବାପି ନୁମା ଙ୍କ )କାଖରେ କୋଳରେ ବଢିଛି, କାନ୍ଧରେବସି ବୁଲିଛି ତେଣୁ ଏହି ଆଶ୍ରମ ମୋ ପାଇଁ ମୋ ପରିବାର ଭଳି.ଏହି ସଭାରେ ବିଶିଷ୍ଟ ଗବେଷିକା ତଥା ଲେଖିକା ଡ଼ଃ ବିଦ୍ୟୁତ ମହାନ୍ତିଙ୍କୁ ମାଳତୀ ଚୌଧୁରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା.ଏହି ସଭାରେ ସଭାପତିତ୍ୱ କରିଥିଲେ ଇଂ ରବୀନ୍ଦ୍ର ନାଥ ସାହୁ. ମାଳତୀ ଦେବୀ ଏବଂ ନବକୃଷ୍ଣ ଚୌଧୁରୀଙ୍କ ସୁପୁତ୍ରୀ କ୍ରିଷ୍ଣା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ.ବିବରଣୀ ପାଠକରିଥିଲେ ଛାତ୍ରାବାସର ସମ୍ପାଦକ ଇଂ ଧନେଶ୍ୱର ସାହୁ,ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀମତୀ ସୁଜାତା.

ଅପରାହ୍ନରେ ପୁରାତନ ଛାତ୍ର ସଂସଦର ବୈଠକ, ସୂତ୍ର ଯଜ୍ଞ ଓ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା. ଅନ୍ତେବାସୀ କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ''ସୂର୍ଯ୍ୟ ନମସ୍କାର '' ମଞ୍ଚସ୍ଥ ହୋଇଥିଲା.




OPPO Reno7 5G
2023.04.30 11:21


ବାର୍ଷିକ ଉତ୍ସବ
ଅନୁଗୋଲ
OPPO Reno7 5G
2023.04.30 11:24